# ସମାଜ

## ତାରିଖ: ୨୫.୦୧.୨୦୨୦

# ଆନ୍ତଃ କଲେଜ ସ୍ନାତକ ଶିକ୍ଷାର୍ଥୀ ସମାରୋହ

ଚନ୍ଦ୍ରଶେଖରପୁର,୨୪।୧(ନି.ପ୍ର): ପଟିଆସ୍ଥିତ ବିଆଇଆଇଟିଏମ କଲେଜର ୮ମ ସ୍ନାତକ ଶିକ୍ଷାର୍ଥୀ ସମାରୋହ-୨୦୨୦ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ୩୦ଟି କଲେଜରୁ ୫୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରତାପ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜକ ଡ. ସରଜୁ ପ୍ରସାଦ ସ୍ନାତକ ବିଦ୍ୟାର୍ଥୀଙ୍କୁ ସେମାନଙ୍କ ଭବିଷ୍ୟତ ପ୍ରତି ସଚେତନ କରାଇଥିଲେ । ପ୍ରଫେସର କେ. ଚନ୍ଦ୍ରଶେଖର ମ୍ୟାନେଜମେଣ୍ଟ ଶିକ୍ଷାର ଉପାଦେୟତା ଓ ରୂପରେଖ ଉପରେ ଶିକ୍ଷାର୍ଥୀଙ୍କୁ ସୂଚନା ଦେଇଥିଲେ ।




କ୍ରିକେଟିୟର ମହେନ୍ଦ୍ର ସିଂ ଧୋନୀଙ୍କ କୋଚ୍ କେଶବ ରଞ୍ଜନ ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ଅନୁଭୂତି ବଖାଣିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପିଆର୍ ପଟ୍ଟନାୟକ ସ୍ନାତକ ଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଏଥିରେ ମନୋରଞ୍ଜନ, ବିଜିନେସ୍ କୁଇଜ, ଫେସ୍ ପେଣ୍ଟିଂ, ଟିମ୍ ବିଲଡିଂ, ଟେକ୍ନୋସ୍ପାର୍କ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।